# Akashvani, Sambalpur

## SAMBALPURI NEWS EVENING BULLETIN

## 5 June 2024- 7.02 pm- 7.12 pm.

*********************************************

୧- ୧୭ ନମ୍ବର୍ ଲୋକ୍‌ସଭାକେ ଭଙ୍ଗ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ଏନ୍‌ଡିଏର ନେତା ଭାବେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିର୍ବାଚିତ କଲେ ସବୁ ଅଂଶୀଦାରୀ ଦଲ୍ ।

୨- ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ - ରାଜ୍ୟପାଲ୍‌ଙ୍କୁ ଭେଟିକରି ମୁଖ୍ୟମନ୍ତ୍ରୀ ପଦନୁ ଦେଲେ ଇସ୍ତଫା ।

୩- ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ଚାଲିଛେ ବନକଲାଗି ନୀତି ।

୪- ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ପାଲନ୍ କରାଯାଉଛେ ବିଶ୍ୱପରିବେଶ୍ ଦିବସ ।

ଆଉର୍

୫- ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ୨ ନୁ ୩ ଦିନ୍ ଭିତ୍‌ରେ ଓଡ଼ିଶା ପୁହୁଁଚିବା - ପାଣିପାଗ୍ ବିଭାଗ୍‌ର ଅନୁମାନ୍ ।

କେବିନେଟ୍‌କେ ଭଙ୍ଗ ନିର୍ଦ୍ଦେଶ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର କେବିନେଟ୍‌ର ସୁପାରିଶ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୭ ନମ୍ବର୍ ଲୋକସଭାକେ ଭଙ୍ଗ କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ନୂଆଦିଲ୍ଲୀର ତାଙ୍କର୍ ବାସଭବନ୍‌ଥି କେନ୍ଦ୍ର କେବିନେଟ୍ ବୈଠକ୍ ହେଇଥିଲା । କେନ୍ଦ୍ରମନ୍ତ୍ରୀ ରାଜ୍‌ନାଥ୍ ସିଂ, ଅମିତ୍ ଶାହା, ନୀତିନ୍ ଗଡ୍‌କରୀଙ୍କର୍ ସହେତେ କେବିନେଟ୍‌ର ଅଲ୍‌ଗା ମନ୍ତ୍ରୀମାନେ ଇ ବୈଠକ୍‌ଥି ଯୋଗ୍ ଦେଇଥିଲେ । ୧୭ନମ୍ବର୍ ଲୋକ୍‌ସଭାକେ ଭଙ୍ଗ କର୍‌ବାର୍ ଲାଗି ସୁପାରିଶ୍ କର୍‌ବାର୍‌କେ ଇ ବୈଠକ୍‌ଥି ନିଷ୍ପତି ନିଆଯାଇଥିଲା ।

ପ୍ରଧାନ୍‌ମନ୍ତ୍ରୀ-ଏନ୍‌ଡିଏ ବୈଠକ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନୂଆଦିଲ୍ଲୀର୍ ବାସଭବନ୍ ନ ଆଏଜ୍ ସଞ୍ଜ୍‌ବେଲେ ଏନ୍‌ଡିଏ ର ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଏନ୍‌ଡିଏର ଅଂଶୀଦାରୀ ଦଲ୍‌ମାନେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫେର୍‌ଘାଏ ଏନ୍‌ଡିଏର ନେତା ଭାବେ ନିର୍ବାଚିତ କରିଛନ୍ । ଇତାକେ ନେଇକରି ଗୁଟେ ପ୍ରସ୍ତାବ୍ ପାରିତ୍ ହେଇଛେ । ପ୍ରସ୍ତାବ୍‌ଥି କୁହାଯାଇଛେ ଯେ, ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଏନ୍‌ଡିଏ ସର୍‌କାର୍ -ଭାରତ୍‌ର ଗରିବ୍, ମହିଳା, ଯୁବ, କୃଷକ୍ ଆର୍ ପିଡ଼ିତ

ନାଗରିକମାନ୍‌କର୍ ସେବା କର୍‌ବାର୍ ଲାଗି ପ୍ରତିବଦ୍ଧ ଆଏ । ଦେଶର୍ ସର୍ବାଙ୍ଗୀନ ବିକାଶ୍ ଆର୍ ଲୋକ୍‌ମାନ୍‌କର୍ ଜୀବନ୍‌ସ୍ତର୍‌ଥି ସୁଧାର୍ ଆନ୍‌ବାର୍ ଲାଗି ଏନ୍‌ଡିଏ ସର୍‌କାର୍ କାମ୍ କର୍‌ବା ବଲି ପ୍ରସ୍ତାବ୍‌ଥି କୁହାଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ ଇସ୍ତଫା        ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଇସ୍ତଫା ଦେଇଛନ୍ । ରାଷ୍ଟ୍ରପତି  ଭବନ୍ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିକରି ସେ ତାଙ୍କର୍ ଇସ୍ତଫା ପତ୍ର ଦେଇଥିଲେ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନରେନ୍ଦ୍ର ମୋଦୀଙ୍କର୍ ଇସ୍ତଫା ପତ୍ର ଗ୍ରହଣ୍ କର୍‌ବାର୍ ସହେତେ ନୂଆଁ ସର୍‌କାର୍ ଗଠନ୍ ହେବାର୍‌ତକ୍ କାମ୍ କର୍‌ବାର୍‌କେ କହିଥିଲେ । ସେନ୍ତା ପ୍ରଧାନ୍‌ମନ୍ତ୍ରୀ ଆଏଜ୍ ଉପରାଷ୍ଟ୍ରପତି ଜଗଦୀପ୍ ଧନଖଡ଼୍‌ଙ୍କୁ ଭିଲ୍ ଭେଟିଛନ୍ ।

ମୁଖ୍ୟମନ୍ତ୍ରୀ- ଇସ୍ତଫା        ଆର୍‌ଏନ୍‌ୟୁ/ସମ୍ବଲପୁର

ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏଜ୍ ଇସ୍ତଫା ଦେଇଛନ୍ । ରାଜ୍‌ଭବନ୍ ନ ରାଜ୍ୟପାଲ୍ ରଘୁବର୍ ଦାସ୍‌ଙ୍କୁ ସାକ୍ଷାତ୍ କରିକରି ଶ୍ରୀ ପଟ୍ଟନାୟକ୍ ମୁଖ୍ୟମନ୍ତ୍ରୀ ପଦ୍‌ନୁ ଇସ୍ତଫା ଦେଇଛନ୍ । ନବୀନ୍ ପଟ୍ଟନାୟକ୍ ଦିନର୍ ସାଢ଼େ ୧୧ ବଜେ

ନବୀନ୍ ନିବାସ୍‌ନୁ ବାହାରିକରି ରାଜ୍‌ଭବନ୍ ଯାଇକରି ସେନ ରାଜ୍ୟପାଲ୍‌ଙ୍କୁ ନିଜର୍ ଇସ୍ତଫା ପତ୍ର ଦେଇଥିଲେ । ଇତାର୍ ଆଘୋନୁ ବିଜେଡ଼ି ସାଂଗଠନିକ୍ ସମ୍ପାଦକ୍ ପ୍ରଣବ୍ ପ୍ରକାଶ୍ ଦାସ, ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ୍, ଦେବୀ ମିଶ୍ର, ଅରୁଣ୍ ସାହୁ ନବୀନ୍ ନିବାସ୍ ପୁହୁଁଚିକରି ନବୀନ୍ ପଟ୍ଟନାୟକ୍‌ଙ୍କୁ ସାକ୍ଷାତ୍ କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟ ବିଧାନ୍‌ସଭା ନିର୍ବାଚନ୍‌ଥି ବିଜେପି ୭୮ ଟା ଆସନ୍ ପାଇଥିବାର୍ ବେଲେ ବିଜୁ ଜନତା ଦଲ୍ ୫୧ ଟା ଆର୍ କଂଗ୍ରେସ୍ ୧୪ ଟା ଆସନ୍ ପାଇଛେ ।

ବିଜେପି- ମୁଖ୍ୟମନ୍ତ୍ରୀ ନାଁ ଘୋଷ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଭାରତୀୟ ଜନତା ପାର୍ଟି ସଂଖ୍ୟା ଗରିଷ୍ଠତା ହାସଲ୍ କରିକରି ବିଧାନ୍‌ସଭା ନିର୍ବାଚନ୍‌ଥି ଜିତିଥିବାର୍ ବେଲେ ବହୁତ୍ ଜଲ୍‌ଦି ମୁଖ୍ୟମନ୍ତ୍ରୀଙ୍କର୍ ନାଁ ଘୋଷ୍‌ନା ହେବା ବଲି ରାଜ୍ୟ ବିଜେପି ନିର୍ବାଚନ୍ ସହପ୍ରଭାରୀ ଲତା ଉଷେଣ୍ଡି ଗଣମାଧ୍ୟମ୍‌କେ ପ୍ରତିକ୍ରିୟାଥି କହିଛନ୍ । ସେ ଆହୁରି କହିଛନ୍ ଯେ, ଓଡ଼ିଶା ଲୁକ୍‌କର୍ ମତ ଆଉ ଭାବ୍‌ନା ଭୋଟ୍‌ଥି ରୂପାନ୍ତରିତ ହେଇଛେ । ମୋଦୀ ଗେରେଂଟି ଉପ୍‌ରେ ଭର୍‌ସା କରିକରି ଓଡ଼ିଶା ନ ବିଜେପି ସର୍‌କାର୍ ଗଠନ୍ ହେବା ।

ଇଥିର୍‌ଲାଗି ରାଜ୍ୟର୍ ଲୁକ୍‌କୁ ସେ ଅଭିନନ୍ଦନ୍ ଜନେଇଛନ୍ । ରାଏଜେ ନୂଆଁ ମୁଖ୍ୟମନ୍ତ୍ରୀଙ୍କର୍ ନାଁ ଘୋଷ୍‌ନା ରାଜ୍ୟବାସୀଙ୍କର୍ ଭାବନାକେ ଆଧାର୍‌କରି ନିଷ୍ପତି ନିଆଯିବା ବଲି ସେ କହିଛନ୍ ।

ପୁରୀ - ଅଗ୍ନିକାଣ୍ଡ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଫଟ୍‌କା ବିସ୍ଫୋରଣ୍ ଘଟ୍‌ନାର୍ ତଦନ୍ତ୍ ଲାଗି ଆଏଜ ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍ ଠାନେ ଗୁଟେ ଉଚ୍ଚ ପ୍ରଶାସନିକସ୍ତରୀୟ ବୈଠକ୍ ହେଇଛେ । ଇ ବୈଠକ୍‌ଥି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସତ୍ୟବ୍ରତ ସାହୁ -ଫଟ୍‌କା ବିସ୍ଫୋରଣ୍ ଘଟ୍‌ନାର୍ ପ୍ରତ୍ୟକ୍ଷଦର୍ଶୀ ଆର୍ ସେନର୍ ଲୋକ୍‌ମାନ୍‌କର୍‌ନୁ ଆପତି ଆର୍ ଅଭିଯୋଗ୍ ଶୁନିଛନ୍ । ଇତାର୍‌ସହେତେ ଶ୍ରୀମନ୍ଦିର୍ ପ୍ରଶାସନର ଅଧିକାରୀ, ଜିଲ୍ଲାସ୍ୱାସ୍ଥ୍ୟ ଅଧିକାରୀ, ଥାନା ଅଧିକାରୀ ଆର୍ ସେଦିନ ଘଟ୍‌ନା ସମିଆଥି ଡ୍ୟୁଟିଥି ଥିବା ପୁଲିସ୍ ଅଧିକାରୀ ଆଉ କର୍ମଚାରୀମାନ୍‌କର୍‌ନୁ ମତ ନିଆଯାଇଛେ । ଇ ବୈଠକ୍‌ଥି ପୁରୀ ଜିଲ୍ଲାପାଲ୍ ସିଦ୍ଧାର୍ଥ ଶଙ୍କର୍ ସ୍ୱାଇଁ ଆଉ ଏସ୍.ପି. ପିନାକ ମିଶ୍ର ଉପସ୍ଥିତ୍ ଥିଲେ । ସେଆଡ଼େ ଇ ଫଟ୍‌ନା ଦୁର୍ଘଟଣାଥି ଏବ୍‌ତକ୍ ୧୫ ଝନ୍‌କର୍ ଜୀବନ୍ ଯାଇଥିବାର୍ ବେଲେ ୧୨ ଝନ୍ ଭିନ୍ ଭିନ୍ ଡାକ୍ତର୍‌ଖାନାଥି ଚିକିତ୍ସିତ୍ ହେଉଛନ୍ ।

ନିଟ୍ ୟୁଜି ଆର୍ଏନ୍ୟୁ / ସମ୍ବଲପୁର

ଜାତୀୟ ପରୀକ୍ଷା ଏଜେନ୍ସି- ଏନ୍‌ଟିଏ ତର୍ଫୁ ହେଇଥିବା ନିଟ୍ ୟୁଜି ପରୀକ୍ଷାଫଲ୍ ବାହାରିଛେ । ସର୍ବଭାରତୀୟ ସ୍ତର୍‌ଥି ହେଇଥିବା ଇ ପରୀକ୍ଷାଥି ମୋଟ୍ ୧୩ ଲାଖ୍ ୧୬ ହଜାର୍ ୨ ଶହ ୬୮ ଝନ୍ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହେଇଛନ୍ । ଓଡ଼ିଶାନୁ ୬୪ ହଜାର୍ ୩ ଶହ ୩୩ ଝନ୍ ପରୀକ୍ଷା ଦେଇଥିବାର୍ ବେଲେ ୩୨ ହଜାର୍ ୬ ଶହ ୧୭ ଝନ୍ କୃତକାର୍ଯ୍ୟ ହେଇଛନ୍ । ଇ ପରୀକ୍ଷାର୍ଥୀମାନେ ଆଗ୍‌କେ ଏମ୍ସ ଆର୍ ଅଲ୍‌ଗା ସର୍‌କାରୀ ମେଡ଼ିକାଲ୍‌ଥି ଡାକ୍ତରୀ ସ୍ନାତକ ପାଠ୍ୟକ୍ରମ୍‌ଥି ନାଁ ଲେଖାବେ । ସେଆଡ଼େ ଓଡ଼ିଶା ନୁ ୧୧ ଝନ୍ ସର୍ବଭାରତୀୟ ସ୍ତର୍‌ଥି ଠାନ୍ ପାଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଚଲ୍‌ତିବଛର୍ ନିଟ ୟୁଜି ପରୀକ୍ଷାଥି ଓଡ଼ିଆ ଭାଷାଥି ପରୀକ୍ଷା ଦେବାର୍ ଲାଗି ୧୩ ଶହ ୧୨ ଝନ୍ ପରୀକ୍ଷାର୍ଥୀ ପଞ୍ଜିକରଣ୍ କରିଥିଲେ ।

ବନକଲାଗି ଆର୍ଏନ୍ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍‌କର୍ ବନକଲାଗି ନୀତି ଚାଲିଛେ । ଦତ ମହାପାତ୍ର ସେବକ୍‌ମାନେ ଶ୍ରୀବିଗ୍ରହଙ୍କର୍ ଶ୍ରୀମୁଖ ସିଙ୍ଗାର କର୍‌ବେ । ଇଥିର୍‌ଲାଗି ସଞ୍ଜର୍ ୭ ବଜେନୁ ରାତି ସାଢ଼େ ୧୦ ବଜେତକ୍ ଭକ୍ତମାନେ ମାହାପୁରୁଙ୍କର୍

ଦର୍ଶନ୍ ଉପ୍ରେ କଟ୍କନା ଲଗାଯାଇଛେ । ମାହାପୁରୁମାନ୍କର୍ ବନକଲାଗି ନୀତି ଲାଗି ଶ୍ରୀମନ୍ଦିର୍ ନ ସ୍ଵତନ୍ତ୍ର ନୀତି ହେଇଛେ । ଦୁଇନମ୍ବର୍ ଭୋଗମଣ୍ଡପ୍ ନୀତି ସର୍ବାର୍ ଉତ୍ରୁ ମାହାପୁରୁମାନ୍କର୍ ବନକଲାଗି ନୀତି ମୁଲ୍ ହେଇଛେ ।

ବିଶ୍ୱ ପରିବେଶ୍ ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ପରିବେଶ୍ ଦିବସ୍ । ପରିବେଶ୍ର ସୁରକ୍ଷା ବାବ୍ଦେ ଲୁକ୍କୁ ସଚେତନ୍ କର୍ବାର୍ ଲାଗି ସାରା ପୁର୍ଥି ନ ୧୯୭୩ ମସିହାନୁ ଆଝିର୍ ଦିନ୍କେ ବିଶ୍ୱ ପରିବେଶ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ବଢୁଥିବା କଲ୍କାର୍ଖାନା, ସହରୀକରଣ୍, ପ୍ଲାଷ୍ଟିକ୍ର ବେଭାର୍ ଆର୍ ଲୋକ୍ମାନ୍କର୍ ଦ୍ୱାରା ପ୍ରାକୃତିକ ସମ୍ପଦ କ୍ଷୟ ଲାଗି ପରିବେଶ୍ ନଷ୍ଟ୍ ଆଉ ଜଲ୍ବାୟୁ ପରିବର୍ତନ୍ ହେଉଛେ । ଆମର୍ ସବୁଦିନିଆ ଜୀବନ୍ଥି ପ୍ଲାଷ୍ଟିକ୍ ଗୁଟେ ଅପରିହାର୍ଯ୍ୟ ବସ୍ତୁ ହେଇଯାଇଛେ । ଇତାର୍ ଗୁର୍ଦୁଟେ ବେଭାର୍ ଲାଗି ପରିବେଶ୍ ପ୍ଲାଷ୍ଟିକ୍ମୟ ହେଇଯାଇଥିବାର୍ ବେଲେ ଇଟା ଜୈବ ବିଘଟନଶୀଳ ନାଇଁ ହେଇଥିବାର୍ନୁ ପରିବେଶ୍ ପ୍ରଦୂଷଣ୍ର ଗୁଟେ ବଡ଼ ଉପାଦାନ୍ ହେଇଛେ । ଇଥିର୍ଲାଗି ମାଟିର ଉର୍ବରତା କମିକରି ଗଛ୍ପତର୍ ଲାଗି ଘାତକ୍ ହେବାର୍ ସହେତେ ଭିନ୍ ଭିନ୍ ସ୍ଥଳଚର ଆଉ ଜଳଚର ପ୍ରାଣୀସମ୍ପଦ୍ ଲାଗି ସଙ୍କଟ୍

ଆନିଛେ । ହେଥିର୍‌ଲାଗି ଜୈବ ସନ୍ତୁଲନ୍‌ଥି ବିଭ୍ରାଟ ଘଟିକରି ଜୀବଜଗତ୍ ଲାଗି ବିପଦ୍ ଦେଖାଦେଇଛେ । ଇ ଦିବସ୍ ପାଲନ୍ ଅବ୍‌ସରେ ପ୍ଲାଷ୍ଟିକ୍ ବେଭାର୍‌କେ ଯେତ୍‌କି ହେଇପାର୍‌ବା କମ୍ କର୍‌ବାର୍ ଲାଗି ଆହ୍ୱାନ୍ ଦିଆଯାଇଛେ । ପରିବେଶ୍‌କେ ବଁଚାବାର୍ ଲାଗି ସର୍‌କାରୀ ଆର୍ ବେସର୍‌କାରୀ ସ୍ତର୍‌ଥି ଅଭିଯାନ୍ ମାନ୍ ଚାଲିଛେ । ଇଥର ବିଶ୍ୱ ପରିବେଶ୍ ଦିବସ୍‌ର ବାର୍ତା ହେଉଛେ 'ଭୂମି ପୁନରୁଦ୍ଧାର କର, ପୃଥିବୀକେ ପୁନର୍ଜିବିତ କର ।' ବିଶ୍ୱ ପରିବେଶ୍ ଦିବସ୍ ଅବ୍‌ସରେ ଆଏଜ୍ ସାରା ଦେଶେ ପରିବେଶ୍ ସୁରକ୍ଷା ବାବ୍‌ଦେ ରେଲି, ସଭା, ଆଲୋଚନାଚକ୍ର ବାଗିର୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଉଛେ ।

## ବିଶ୍ୱ ପରିବେଶ୍ ଦିବସ୍

ସୁବର୍ଣ୍ଣପୁର୍ / ବର୍‌ଗଡ଼୍/ ସମ୍ବଲପୁର/ ବୌଦ୍ଧ ସମ୍ବାଦଦାତା

ସମ୍ବଲ୍‌ପୁର୍ ମହାନଗର୍ ନିଗମ୍‌ର ବୁଢ଼ାରଜା ବନସଂରକ୍ଷଣ୍ ସମିତି ତର୍‌ଫୁ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର୍ ନ ବିଶ୍ୱ ପରିବେଶ୍ ଦିବସ୍ ପାଲିତ୍ ହେଇଯାଇଛେ । ପ୍ରକୃତିବନ୍ଧୁ ମେଘୁ ମୁଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ସମାରୋହଥି ବ୍ୟାପକ ବନୀକରଣ୍ ଅଭିଯାନ୍‌ଥି ଯୁବ ଆଉ ଛାତ୍ରସମାଜ୍ ସାମିଲ୍ ହେବାର୍ ଲାଗି ଆହ୍ୱାନ୍ ଦିଆଯାଇଥିଲା । ଇଥି ସହରର୍ ସିଆନ୍ ସୁଜନ୍‌ମାନେ ଯୋଗ୍ ଦେଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ଜଙ୍ଗଲ୍ ବିଭାଗ୍ ଆର୍ ଭିନ୍ ଭିନ୍ ସାମାଜିକ୍ ଅନୁଷ୍ଠାନ୍ ତରଫୁ ଆଏଜ୍ ବିଶ୍ୱ ପରିବେଶ୍ ଦିବସ୍ ପାଲିତ୍ ହେଇଛେ । ଇ ଅବ୍ସରେ ଜିଲ୍ଲା ବନଖଣ୍ଡ ଅଧିକାରୀ ମଦନ୍ ଲାଲ୍ ଶର୍ମାଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ସମାରୋହ ହେଇଥିଲା । ଇ ସମାରୋହଥି ଜଙ୍ଗଲ୍ ସୁରକ୍ଷା ସଙ୍ଗେ ପ୍ଲାଷ୍ଟିକ୍ ପ୍ରଦୂଷଣ୍ ବାବ୍ଦେ ଆଲୋଚନା ହେବାର୍ ସହେତେ ବୃକ୍ଷରୋପଣ୍ ବାବ୍ଦେ ଲୁକ୍କୁ ସଚେତନ୍ କରାଯାଇଛେ ।

ବର୍ଗଡ଼୍ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କର୍ ସମ୍ମିଲନୀ କକ୍ଷ ନ ବିଶ୍ୱ ପରିବେଶ୍ ଦିବସ୍ ପାଲିତ ହେଇଛେ । ଇ ଅବ୍ସରେ ହେଇଥିବା ଗୁଟେ ସମାରେହଥି ବନଖଣ୍ଡ ଅଧିକାରୀ ବିକ୍ରମ୍ ଦେବ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ ।

ସେନ୍ତା ବୌଦ୍ଧ ଜିଲ୍ଲାର ନରସିଂପୁର୍ ଠାନେ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଜିଲ୍ଲାସ୍ତରୀୟ ସମାରୋହଥି ପ୍ରକୃତିବନ୍ଧୁ ଆଉ ପ୍ରକୃତିମିତ୍ର ପୁରସ୍କାର୍ ଦିଆଯାଇଥିଲା ।

ଅସ୍ୱାଭାବିକ୍ ମୃତ୍ୟୁ ଏନ୍ଏସ୍ଡି/ପ୍ରେସ୍ରିଲିଜ୍

ରାଏଜେ ଗ୍ରୀଷ୍ମପ୍ରବାହନୁ ଏଛେନ୍ତକ୍ ଶହେ ୫୧ ଝନ୍କର୍ ଅସ୍ୱାଭାବିକ୍ ମୃତ୍ୟୁ ହେଇଥିବାର୍ ଅଭିଯୋଗ୍ ହେଇଛେ । ଇତାର୍ ଭିତ୍ରୁ ୩୬ ଝନ୍କର୍ ଝାଉ ମାର୍ବାର୍ନୁ ଜୀବନ୍ ଯାଇଛେ ବଲି ସ୍ୱତନ୍ତ୍ର ରିଲିଫ୍ କମିଶନର୍ଙ୍କର୍ କାର୍ଯ୍ୟାଳୟନୁ

ସୂଚ୍‌ନା ମିଲିଛେ । ଇତାର୍‌ଛଡ଼ା ୩୧ ଝନ୍‌କର୍ ମୃତ୍ୟୁ ଝାଡଥି ନାଇଁ ହେଇଥିବାର୍ ବେଲେ ବାକି ୮୪ ଝନ୍‌କର୍ ମୃତ୍ୟୁ ବାବଦ୍ ତଦନ୍ତ୍ ଚାଲିଛେ ।

## ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ-ବିଶ୍ୱ ପରିବେଶ୍ ଦିବସ

ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱ ପରିବେଶ୍ ଦିବସ୍ ଅବ୍‌ସରେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ୍‌ର ଶୁଭାରମ୍ଭ୍ କରିଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଦିଲ୍ଲୀର୍ ବୁଦ୍ଧ ଜୟନ୍ତୀ ପାର୍କ ଠାନେ ଗୁଟେ ଗଛ୍ ଲଗେଇଛନ୍ । ପୁର୍‌ଥିର୍ ସୁରକ୍ଷା ଲାଗି ଗଛ୍ ଲଗାବାର୍‌କେ ସେ ସମ୍‌କୁ ଆହ୍ୱାନ୍ ଦେଇଛନ୍ । ଇତାର୍‌ସହେତେ ମା'ଙ୍କର୍ ସାଙ୍ଗେ ମିଶିକରି ନିଜର୍ ଇଲାକା ନ ଗୁଟେ ଗୁଟେ ଗଛ୍ ଲଗାଲା ଉତ୍‌ରୁ ଗୁଟେ ଫଟୋ ଉଠେଇକରି 'ଏକ୍ ପେଡ୍ ମା'କେ ନାମ୍' ଲେଖିକରି ସାମାଜିକ୍ ଗଣମାଧ୍ୟମ୍‌ଥି ସେୟାର୍ କର୍‌ବାର୍‌କେ ସେ କହିଛନ୍ ।

## ଶୀତଲଷଷ୍ଠୀ- ସ୍ଥାନୀୟ ଛୁଟି

ଆର୍‌ଏନ୍‌ୟୁ/ ସମ୍ବଲପୁର୍

ଶୀତଲ୍‌ଷଷ୍ଠୀ ଯାତ୍ରା ଅବ୍‌ସରେ ଆଏବା ୧୨ ତାରିଖ୍ ବୁଧବାର୍ ଦିନ ସମ୍ବଲ୍‌ପୁର୍ ନ ସ୍ଥାନୀୟ ଛୁଟି ଘୋଷ୍‌ନା କରାଯାଇଛେ । ଇ ବାବ୍‌ଦେ ଉତରାଂଚଲ୍ ଆର୍‌ଡିସିଙ୍କର୍ ତର୍‌ଫୁ ଗୁଟେ ବିଜ୍ଞପ୍ତି ବାହାରିଛେ । ଇ ଦିନ ସବୁ ସର୍‌କାରୀ କାର୍ଯ୍ୟାଳୟ ବନ୍ଦ୍ ରହେବା ।

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ୩ ନୁ ୪ ଦିନ୍ ଭିତ୍‌ରେ ଓଡ଼ିଶା ପୁହୁଁଚିବା ବଲି ପାଣିପାଗ୍ ବିଭାଗ୍ ଆକଲନ୍ କରିଛେ । ଇ ବାବ୍‌ଦେ ପାଣିପାଗ୍ ବିଭାଗ୍‌ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍, ମୌସୁମୀ ବାୟୁ ପହେଲା ଦକ୍ଷିଣ ଓଡ଼ିଶାକେ ପୁହୁଁଚିବା । ଇତାର୍ ଉତ୍‌ରୁ ରାଜ୍ୟର୍ ଅଲ୍‌ଗା ଇଲାକାକେ ପୁହୁଁଚିବା ବଲି ସେ କହିଛନ୍ । ସେ ଆହୁରି କହିଛନ୍ ଯେ, ଓଡ଼ିଶା ନ ମୌସୁମୀ ପ୍ରବେଶ୍ ଲାଗି ପାଗ୍ ଅନୁକୁଲ ରହିଛେ । ମୌସୁମୀ ଓଡ଼ିଶା ପୁହୁଁଚିବା ଉତ୍‌ରୁ ତାତିନୁ ନିସ୍ତାର୍ ମିଲ୍‌ବା ବଲି ସେ କହିଛନ୍ ।